# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 3 March - 2026

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ପକ୍ଷରୁ ପ୍ରାର୍ଥୀ ହେଲେ ମନମୋହନ ସାମଲ ଓ ସୁଜିତ କୁମାର

— ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ବିଜେପିର ସମର୍ଥନ ଘୋଷଣା

- ରାଜ୍ୟରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି ଦୋଳ ପୂର୍ଣ୍ଣିମା; ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ରାଜାଧିରାଜ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ

- ହୋଲି ପର୍ବ ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା

ଏବଂ

- ଜରାୟୁ କର୍କଟରୁ ସୁରକ୍ଷା ପାଇଁ କିଶୋରୀମାନଙ୍କୁ ଏଚପିଭି ଟିକା ନେବାକୁ ଆହ୍ୱାନ ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

## ରାଜ୍ୟସଭା ପ୍ରାର୍ଥୀ

ଆଗାମୀ ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀ ଘୋଷଣା କରିଛି। ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ପକ୍ଷରୁ  ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ସୁଜିତ କୁମାରଙ୍କୁ ପ୍ରାର୍ଥୀ କରାଯାଇଥିବା ନେଇ ଘୋଷଣା କରାଯାଇଛି।

ସେହିଭଳି ବରିଷ୍ଠ ରାଜନେତା ଦିଲ୍ଲୀପ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭା ନିର୍ବାଚନ ଲଢ଼ିବା ପାଇଁ ନିଜ ନାମ ଘୋଷଣା କରିଛନ୍ତି। ଶ୍ରୀ ରାୟଙ୍କୁ ବିଜେପି ପୂର୍ଣ୍ଣ ସମର୍ଥନ ଦେଉଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି.....

**- V/O -**

ବିଜୁ ଜନତା ଦଳ ପକ୍ଷରୁ ପୂର୍ବରୁ ଦଳର ବରିଷ୍ଠ ନେତା ଡକ୍ଟର ସଂତୃପ୍ତ ମିଶ୍ରଙ୍କୁ ଦଳୀୟ ପ୍ରାର୍ଥୀ ଏବଂ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ସାଧାରଣ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ଡାକ୍ତର ହୋତାଙ୍କୁ କଂଗ୍ରେସ ପକ୍ଷରୁ ସମର୍ଥନ ଘୋଷଣା କରାଯାଇଛି। ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ପାଇଁ ଆସନ୍ତା ୧୬ ତାରିଖରେ ନିର୍ବାଚନ ହେବ। ଏଥିରେ ଓଡ଼ିଶାର ଚାରୋଟି ଆସନ ରହିଛି।

## ଦୋଳପୂର୍ଣ୍ଣିମା–ଶ୍ରୀମନ୍ଦିର

ଭଗବାନ ଶ୍ରୀକୃଷ୍ଣଙ୍କର ଲୀଳା ମାଧୁର୍ଯ୍ୟକୁ ନେଇ ଯୁଗଯୁଗ ଧରି ପାଳିତ ହୋଇଆସୁଥିବା ମହୋତ୍ସବ ଗୁଡ଼ିକ ମଧ୍ୟରେ ଦୋଳଯାତ୍ରା ଓ ହୋଲି ଏକ ଶ୍ରେଷ୍ଠ ଗଣପର୍ବ ଭାବେ ପାଳନ କରାଯାଇଥାଏ । ବସନ୍ତଋତୁକୁ ସ୍ୱାଗତ କରିବାକୁ ଏହି ପର୍ବ ସ୍ନେହ, ସଦ୍ଦିଚ୍ଛା, ସୌହାର୍ଦ୍ଦ୍ୟ ଏବଂ ଭାଇଚାରାର ପ୍ରତୀକ ଭାବେ ପାଳନ କରାଯାଉଛି । ଫଗୁ ଦଶମୀରୁ ଆରମ୍ଭ ହୋଇଥିବା ଦୋଳଯାତ୍ରାର ଆଜି ଦୋଳପୂର୍ଣ୍ଣିମୀରେ ରାଧାକୃଷ୍ଣ ମନ୍ଦିର କିମ୍ବା ଶ୍ରୀଜଗନ୍ନାଥ ମନ୍ଦିରର ଚଳନ୍ତି ପ୍ରତିମାଙ୍କୁ ଦୋଳ ବା ବିମାନରେ ବସାଇ ଦୋଳ ମେଳଣ କରାଯାଇଥାଏ । ଓଡ଼ିଆ ଜ୍ୟୋତିର୍ବିଦ୍‌ଙ୍କ ତଥ୍ୟ ଅନୁସାରେ, ଦୀର୍ଘ ୮ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳ ପର୍ବ ପାଳିତ ହୋଇ ଆସୁଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଦୋଳ ମେଳଣ ଭିନ୍ନ ଭିନ୍ନ ପ୍ରକାରରେ ପାଳନ କରାଯାଇଛି ।

ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ଆଜି **ପୁରୀ** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଜାଧିରାଜ ବେଶ ଅନୁଷ୍ଠିତ ହେବ । ଆଜି ସକାଳେ ମହାପ୍ରଭୁଙ୍କ ମଙ୍ଗଳ ଆଳତୀ, ଅବକାଶ ପୂଜା ଓ ମେକାପ ସର୍ବାଙ୍ଗ ନୀତି ଶେଷ କରାଯାଇ ବେଶ କରାଯାଇଥିଲା ।

ଦେଶବ୍ୟାପୀ ଆସନ୍ତାକାଲି ଆନନ୍ଦ ଉଲ୍ଲାସର ସହ ହୋଲି ପର୍ବ ପାଳନ କରାଯିବ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହୋଲି ପର୍ବର ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀମତୀ ମୁର୍ମୁ ତାଙ୍କ ବାର୍ତ୍ତାରେ କହିଛନ୍ତି, ଆନନ୍ଦର ପର୍ବ ହୋଲି ସମାଜରେ ଶାନ୍ତିର ବାର୍ତ୍ତା ପ୍ରଦାନ କରିଥାଏ । ହୋଲି ସାମାଜିକ ବନ୍ଧନକୁ ସୁଦୃଢ଼ କରି ସମସ୍ତଙ୍କ ମନରେ ଆଶାର ସଞ୍ଚାର କରିଥାଏ । ଏହି ପର୍ବ ବିବିଧତା ମଧ୍ୟରେ ଏକତାର ପ୍ରତୀକ ବୋଲି ରାଷ୍ଟ୍ରପତି କହିଛନ୍ତି ।

ହୋଲି ସମୟରେ ରଙ୍ଗ ଖେଳିବା ବେଳେ ଚକ୍ଷୁ ଓ ଚର୍ମର ଯତ୍ନ ସମ୍ପର୍କରେ କଟକ ଏସସିବି ମେଡିକାଲ କଲେଜ ଏବଂ ହସ୍‌ପିଟାଲର ଡାକ୍ତର ସ୍ମିତାରାଣୀ ସାମଲ ଆକାଶବାଣୀକୁ କହିଛନ୍ତି....

**- V/O –**

## ହୋଲି–ସୁରକ୍ଷା ବ୍ୟବସ୍ଥା

ହୋଲି ପର୍ବକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଶୃଙ୍ଖଳାକାରୀଙ୍କୁ ନିୟନ୍ତ୍ରଣ କରିବା ପାଇଁ  ମାର୍ଗଦର୍ଶିକା ଜାରି କରାଯିବା ସହ ପ୍ରତିକାରମୂଳକ ପଦକ୍ଷେପ ନିଆଯାଇଥିବା କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି ।

ଅନ୍ୟପଟେ ନଦୀରେ ଗାଧୋଇବା ସମୟରେ ଦୁର୍ଘଟଣାକୁ ଏଡାଇବା ପାଇଁ ଅଗ୍ନିଶମ ବାହିନୀକୁ ସଜାଗ ରଖାଯିବା ସହିତ ନଦୀରେ ବୋଟ୍ ଜରିଆରେ

ପାଟ୍ରୋଲିଂ ଓ ନଦୀ ଘାଟରେ ସତର୍କ ନଜର ରଖିବାକୁ ଅଗ୍ନିଶମ କର୍ମଚାରୀଙ୍କୁ ମୁତୟନ କରାଯାଇଛି।

## ଚନ୍ଦ୍ରଗ୍ରହଣ

ଆଜି ସମ୍ପୂର୍ଣ୍ଣ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହୋଇଛି। ଦିନ ୩ଟା ୨୦ରେ ଚନ୍ଦ୍ରଗ୍ରହଣ ଆରମ୍ଭ ହୋଇ ସଂଧ୍ୟା ୬ଟା ୪୭ରେ ଶେଷ ହୋଇଛି। ସମୁଦାୟ ଚନ୍ଦ୍ରଗ୍ରହଣ ସମୟ ୩ଘଣ୍ଟା ୨୭ମିନିଟ୍ ଓ ପୂର୍ଣ୍ଣଗ୍ରାସ ସମୟ ଅଣଷଠୀ ମିନିଟ୍ ରହିଥିଲା।

## କର୍କଟ ଟିକାକରଣ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବ୍ୟାପୀ ହ୍ୟୁମାନ୍ ପାପିଲୋମା ଭାଇରସ-ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଟିକାକରଣ ଜାରି ରହିଛି । ଏଚ୍‌ପିଭି ଟିକାକରଣ ଦ୍ୱାରା କିଶୋରୀମାନଙ୍କ ମଧ୍ୟରେ ଦେଖାଦେଉଥିବା ଜରାୟୁ ଗ୍ରୀବା କର୍କଟ ରୋଗରୁ ସୁରକ୍ଷା ମିଳିପାରିବ। ଏଚ୍‌ପିଭି ଟିକାକରଣ ଅଭିଯାନ ଅନ୍ତର୍ଗତ ରାଜ୍ୟର ୧୪ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ୩ ଲକ୍ଷ ୩୬ ହଜାର କିଶୋରୀଙ୍କ ଟୀକାକରଣ କରାଯିବ। ଏଥିପାଇଁ ୩ ମାସ ସମୟ ଧାର୍ଯ୍ୟ କରାଯାଇଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ହିତାଧିକାରୀମାନଙ୍କୁ **youwin.mohfw.gov.in** ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରି ଟିକା ନେବାକୁ ଅନୁରୋଧ କରିଛନ୍ତି।

**- V/O –**

## ମୁଣ୍ଡୁଳି-ସିଆଇଏସ୍ଏଫ

**କଟକ** ମୁଣ୍ଡୁଳି ସ୍ଥିତ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ-ସିଆଇଏସ୍ଏଫ୍ ପ୍ରଶିକ୍ଷଣ କେନ୍ଦ୍ରର ୫୭ତମ ପ୍ରତିଷ୍ଠା ଦିବସ ଆସନ୍ତା ଗୁରୁବାର ପାଳନ କରାଯିବ। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସନ୍ତା ଶୁକ୍ରବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟସୂଚୀ ରହିଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା ନିମନ୍ତେ ଆଜିଠାରୁ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମସ୍ଥଳି ଓ ଏହାର ଆଖପାଖ ୫ କିଲୋମିଟର ପରିଧିକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଏହି ସମୟ ମଧ୍ୟରେ ନିଷିଦ୍ଧାଞ୍ଚଳରେ ପାରାଗ୍ଲାଇଡର, ପାରାମୋଟର୍ସ ପାୱାରହ୍ୟାଙ୍ଗ୍ ଗ୍ଲାଇଡର୍ସ, ମାଇକ୍ରୋଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ୍, ୟୁଏଭି କିମ୍ବା ଡ୍ରୋନ୍ ଉଡାଣକୁ ନିଷେଧ କରାଯାଇଛି। ଏଥିସହିତ ସିଆଇଏସ୍ଏଫ୍ ପରିସର ଏବଂ ଗତିପଥର ନିର୍ଦ୍ଦିଷ୍ଟ ରାସ୍ତାରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ, ଖନନ, ରାସ୍ତା କଟା ଅଥବା ଅନ୍ୟ କୌଣସି ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି। କଟକ ଜିଲ୍ଲାପାଳଙ୍କ ନ୍ୟାୟିକ ବିଭାଗରୁ ପୂର୍ବ ଲିଖିତ ଅନୁମତି ବିନା ଏହି ନିର୍ଦ୍ଦେଶ ଉଲ୍ଲଙ୍ଘନ କରାଗଲେ ଆଇନ୍ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ୍ ସିନ୍ଦେ ସୂଚନା ଦେଇଛନ୍ତି।

## ଜନଔଷଧୀ

ଉଚ୍ଚମାନର ଜେନେରିକ୍ ଔଷଧକୁ ସ୍ୱଳ୍ପ ମୂଲ୍ୟରେ ଦେଶ ବ୍ୟାପି ଉପଲବ୍ଧ କରାଇବା ଲକ୍ଷ୍ୟ ନେଇ ରସାୟନ ଓ ସାର ମନ୍ତ୍ରଣାଳୟ ପକ୍ଷରୁ ଜନଔଷଧୀ ସପ୍ତାହ ୨୦୨୬ ପାଳନ କରାଯାଉଛି । ଏହି ଅଭିଯାନର ତୃତୀୟ ଦିନରେ ଆଜି ମହିଳା, ବରିଷ୍ଠ ନାଗରିକ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ୪୭ଟି ଶିବିରର ଆୟୋଜନ କରାଯାଇଥିଲା । ଶିବିରରେ ନିଶୁଳ୍କ ରୋଗ ଚିହ୍ନଟ, ପରାମର୍ଶ ଓ ବ୍ୟାପକ ଭାବେ ଜେନେରିକ୍ ଔଷଧ ବଣ୍ଟନ କରାଯାଇଥିଲା । ଏହି ଅଭିଯାନ ଆସନ୍ତା ୭ ତାରିଖ ଯାଏଁ ଚାଲିବ ।

## ସୁଭଦ୍ରା ଶକ୍ତିମେଳା

**ବୌଦ୍ଧ** ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଆସନ୍ତା ୬ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ବୌଦ୍ଧ କଚେରୀ ପଡିଆରେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସୁଭଦ୍ରା ଶକ୍ତିମେଳା ରଥର ଶୁଭାରମ୍ଭ କରିଛନ୍ତି । ଏହି ରଥ ଜିଲ୍ଲାର ବିଭିନ୍ନ ଗାଁ ପରିକ୍ରମା କରି ମେଳାର ପ୍ରଚାର ପ୍ରସାର କରିବ ।

## ଦୋଳ ମେଳଣ

**ଭଦ୍ରକ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୋଳ ଉତ୍ସବ ପାଳନ ହେଉଛି । ଜିଲ୍ଲାର ଭଣ୍ଡାରିପୋଖରିଠାରେ ଶତାବ୍ଦୀ ପୁରୁଣା ମୁନ୍‌ସୀ ମେଳଣ, ତିହିଡି ବ୍ଲକ୍‌ର କାଳିଝାଡପଟା, ମେଘା, ଆଗରପଡ଼ାର ରାମଗଡ଼, ଲୁଣିଆ, ଘଣ୍ଟେଶ୍ୱର, ପଞ୍ଚୁଟିକିରି, ଆରଡି, ବାସୁଦେବପୁର, ବୟାଙ୍ଗଡିହି, ଧାମନଗର, ଭଦ୍ରକ

ଆଦି ପ୍ରମୁଖ ସ୍ଥାନରେ ପାରମ୍ପରିକ ନୃତ୍ୟ-ବାଦ୍ୟରେ ରାଧାକୃଷ୍ଣ ବିଗ୍ରହଙ୍କୁ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଇ ମେଲଣ ପଡିଆ ପୂଜା ମଣ୍ଡପକୁ ନିଆଯାଉଛି । ଚାନ୍ଦବାଲି ବ୍ଲକ୍‌ରେ ଯାଦବ ସଂଘ ଓ ଗୋପାଳ ସମାଜ ପକ୍ଷରୁ ଲଉଡିଖେଳ ହେବା ସହ ଆରଡିର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ଚଳନ୍ତୀ ପ୍ରତିମା ଶ୍ରୀଚନ୍ଦ୍ରଶେଖରଙ୍କୁ ନାଟମଣ୍ଡପକୁ ବିଜେ କରାଯାଇଛି ।

## ବିଶ୍ୱ ବନ୍ୟପ୍ରାଣୀ ଦିବସ

ବିଶ୍ୱର ଜୈବ ବିବିଧତାରେ ବନ୍ୟପ୍ରାଣୀଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଓ ସେମାନଙ୍କ ସଂରକ୍ଷଣ ତଥା ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱବନ୍ୟପ୍ରାଣୀ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ସ୍ୱାସ୍ଥ୍ୟ, ଐତିହ୍ୟ ଓ ଜୀବିକା ସଂରକ୍ଷଣ ପାଇଁ ଔଷଧୀୟ ଏବଂ ସୁଗନ୍ଧିତ ଉଦ୍ଭିଦ' । ୨୦୧୩ ମସିହା ଡିସେମ୍ବର ମାସ ୨୦ ତାରିଖରେ ମିଳିତ ଜାତିସଂଘ ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଥିଲା । ୨୦୧୪ ମସିହାରୁ ଏହି ଦିବସ ପାଳନ କରାଯାଉଛି ।
ଆମ ଶାସ୍ତ୍ର ସମସ୍ତ ଜୀବମାନଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରେ । ବନ୍ୟ ଜୀବ ସୁରକ୍ଷା ସହିତ ସେମାନଙ୍କ ପ୍ରତି ସମ୍ବେଦନଶୀଳତାକୁ ପ୍ରେରଣା ଦେଇଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି ।